

# ଏକକ ୬ : ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର କୌଶଳ - II

ଟିପ୍ପଣୀ

## ସଂରଚନା


୬.୦ ଉପକ୍ରମ

୬.୧ ଶିକ୍ଷଣ ଉଦ୍ଦେଶ୍ୟ

୬.୨ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଓ ଏହାର ମୁଖ୍ୟ ବୈଶିଷ୍ଟ୍ୟ

୬.୩ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୬.୪ ସର୍ବଶିକ୍ଷା ଅଭିଯାନ: ବିସ୍ତୃତ କୌଶଳ

୬.୫ ସର୍ବଶିକ୍ଷା ଅଭିଯାନ: ବିତ୍ତୀୟ ମାନଦଣ୍ଡ

୬.୬ ବିଦ୍ୟାଳୟ ବିକାଶ ଓ ଅନ୍ୟାନ ସଂପର୍କିତ ସୁବିଧା

୬.୭ ମଧ୍ୟାହ୍ନ ଭୋଜନ ଓ ସର୍ବଶିକ୍ଷା ଅଭିଯାନର ଅବଦାନ

୬.୮ ସର୍ବଶିକ୍ଷା ଅଭିଯାନ ଓ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ର ସମନ୍ୱୟ

୬.୯ ସାରାଂଶ

୬.୧୦ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୬.୧୧ ପାଠାନ୍ତ ପ୍ରଶ୍ନାବଳୀ


## 6.0. ଉପକ୍ରମ

ଏକକ-୫ ରେ ଆମ ଦେଶର ବିଭିନ୍ନ ରାଜ୍ୟରେ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆମେ ମାନେ ଅବଗତ ହୋଇଥିଲେ। ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମର (DPEP) ସାର୍ବଜନୀନ କରଣର ପ୍ରଭାବ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରିଛେ । ଏହି ଅଧ୍ୟାୟରେ ସର୍ବଶିକ୍ଷା ଅଭିଯାନର ଆବଶ୍ୟକୀୟ ଲକ୍ଷଣ(Features) ତଥା ପରିଚାଳନା (Management) ଏବଂ ତଦାରଖ ନିରୁପଣ ସମ୍ପର୍କରେ ଅଧ୍ୟୟନ କରାଯିବ ଯାହା ଆମ ଦେଶରେ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାର ହାସଲ ନିମନ୍ତେ ଏକ ମୁଖ୍ୟ ଅଭିଯାନ ଅଟେ । ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ବୟସର ପିଲାମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ସର୍ବଶିକ୍ଷା ଅଭିଯାନରେ ବ୍ୟବସ୍ଥା କରାଯାଇଥିଲା । ଦେଶରେ ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ପର୍ଯ୍ୟାପ୍ତ ଅଗ୍ରଗତି ହୋଇଥିଲେ ମଧ୍ୟ ବିଭିନ୍ନ ରାଜ୍ୟରେ ଅନେକ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ସର୍ବଶିକ୍ଷା ଅଭିଯାନର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା

ଟିପ୍ପଣୀ

କଲାବେଳେ ଆମକୁ ମଧ୍ୟ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ (RTE-2009) ସହ ଏହାକୁ ସମ୍ପର୍କିତ କରିବାକୁ ହେବ କାରଣ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଶିକ୍ଷାକୁ ଏକ ମୌଳିକ ଅଧିକାର ରୂପେ ପ୍ରତିଶ୍ରୁତି ଦେଇଥାଏ ।

## ୬.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକକୁ ଅଧ୍ୟୟନ କରିବା ପରେ ଆପଣ :

- ସର୍ବଶିକ୍ଷା ଅଭିଯାନର ପୃଷ୍ଠଭୂମି ଓ ଏହାର ମୌଳିକ ଲକ୍ଷଣ ବିଷୟରେ ବାଖ୍ୟା କରିପାରିବେ ।
- ସର୍ବଶିକ୍ଷା ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିବେ ।
- ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ବିସ୍ତୃତ କୌଶଳକୁ ଚିହ୍ନଟ କରିବେ ଓ ଏହାର ବାଖ୍ୟା କରିବେ ।
- ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ବିତ୍ତୀୟ ମାନଦଣ୍ଡ (Financial Norms) ସମ୍ପର୍କରେ ବର୍ଣ୍ଣନା କରିବେ ।
- ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର (Midday Meal) ର ଅବଦାନକୁ ବାଖ୍ୟା କରିବେ ।
- ଶିକ୍ଷାର ଅଧିକାର ଅଧିନିୟମ-୨୦୦୯ର ମହତ୍ତ୍ୱ ଏବଂ ସର୍ବ ଶିକ୍ଷା ଅଭିଯାନ (SSA) ସମ୍ବନ୍ଧରେ ବର୍ଣ୍ଣନା କରିବେ ।
- ନିରକ୍ଷରତା ନିରାକାରଣରେ ମୂଳୋତ୍ପାଟନରେ ସର୍ବଶିକ୍ଷା ଅଭିଯାନର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିବେ ।

## ୬.୨ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଓ ଏହାର ମୁଖ୍ୟ ଲକ୍ଷଣ

ଆମ୍ଭେମାନେ ଜାଣୁ ଯେ ୬ ବର୍ଷରୁ ୧୪ ବୟସର ପିଲାମାନଙ୍କୁ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନ ସୁବିଧା ପ୍ରବେଶ (Universal Access) କୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କର ଏକ ମୁଖ୍ୟ କାର୍ଯ୍ୟକ୍ରମ (Flagship Programme) ଅଟେ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପିଲାମାନଙ୍କର ନାମଲେଖା (Enrolment), ଅବଧାରଣ (Retention) ତଥା ଶିକ୍ଷାର ଗୁଣବତ୍ତା (Quality of Education) ରେ ସୁଧାର ଆଣିବା । ଯାହାଦ୍ୱାରା ଛାତ୍ର ଛାତ୍ରୀ ମାନେ ଶ୍ରେଣୀରେ ଶିକ୍ଷଣର ବିଭିନ୍ନ ଦକ୍ଷତାର ସ୍ତର (Achieve





Grade Level Learning) ହାସଲ କରିପାରିବେ । ସାର୍ବଜନୀନ ଶିକ୍ଷାର ଉଦ୍ଦେଶ୍ୟ ଲିଙ୍ଗଭେଦ ଏବଂ ବିଭିନ୍ନ ସାମାଜିକ ବର୍ଗରେ ତାରତମ୍ୟ (Gap between different social categories) କୁ ହ୍ରାସ କରିବା । ରାଜ୍ୟର ବିଭିନ୍ନ ଶିକ୍ଷାମନ୍ତ୍ରୀମାନଙ୍କ ଅଧିବେଶନର ଫଳସ୍ୱରୂପ ସର୍ବଶିକ୍ଷା ଅଭିଯାନର ଆରମ୍ଭ ୨୦୦୧ରେ ହୋଇଥିଲା । ଯଦିଓ ସମ୍ବିଧାନରେ ୮୬ତମ ସମ୍ବିଧାନ ସଂଶୋଧନ ୨୦୦୨ ପ୍ରାରମ୍ଭିକ ଶିକ୍ଷାକୁ ଏକ ମୌଳିକ ଅଧିକାରର ରୂପରେ ସୀକୃତି ଦେଇଥିଲା । ତଥାପି ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ବ୍ୟବସ୍ଥା ଏକ ଅଧିନିୟମର ରୂପରେ ଅଗଷ୍ଟ ୨୦୦୯ରେ ଭାରତୀୟ ସଂସଦରେ ଗୃହୀତ ହେଲା ।

### ୬.୨.୧ ସର୍ବଶିକ୍ଷା ଅଭିଯାନର ମୂଳ ବୈଶିଷ୍ଟ୍ୟ ଓ ଲକ୍ଷଣ (SSA : Main Characteristics & Features)

ସର୍ବଶିକ୍ଷା ଅଭିଯାନର ନିମ୍ନୋକ୍ତ ମୂଳ **ବୈଶିଷ୍ଟ୍ୟ** ଓ ଲକ୍ଷଣ ରହିଛି ଯାହା ସାର୍ବଜନୀନ **ପ୍ରାରମ୍ଭିକ ଶିକ୍ଷାର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏହାକୁ ସବୁଠାରୁ ଏକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମରେ ପରିଣତ କରିଛି ।**

- ଏହି କାର୍ଯ୍ୟକ୍ରମର ଏକ ନିର୍ଦ୍ଧିଷ୍ଟ ସମୟସୀମା ରହିଛ, ଯାହା ମାଧ୍ୟମରେ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇଥାଏ ।
- ଏହି କାର୍ଯ୍ୟକ୍ରମ ଦେଶରେ ଗୁଣବତ୍ତାଯୁକ୍ତ ମୌଳିକ ଶିକ୍ଷା (Quality Basic Education) ପାଇଁ ଥିବା ଆବଶ୍ୟକତା ଏକ ଯଥାର୍ଥ ପଦକ୍ଷେପ ଅଟେ ।
- ମୌଳିକ ଶିକ୍ଷା ମାଧ୍ୟମରେ ସାମାଜିକ ନ୍ୟାୟ (Social Justice) କୁ ଓ ଆଗେଇ ନେବା ନିମିତ୍ତ ଏକ ସୁଯୋଗ ।
- ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ପଞ୍ଚାୟତ ରାଜ୍ୟ ସଂସ୍ଥା, ବିଦ୍ୟାଳୟ ପରିଚାଳନା ସମିତ, ଗ୍ରାମ ଶିକ୍ଷା ସମିତି, ଏବଂ ଅଭିଭାବକ ଶିକ୍ଷକ ସଂଘ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସକ୍ରୀୟ ଅଂଶଗ୍ରହଣ କରିବା ପାଇଁ ଏହା ଏକ ପ୍ରୟାସ ଅଟେ ।
- ଦେଶବ୍ୟାପୀ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା (Universal Elementary Education) ପାଇଁ ଏହା ଏକ ରାଜନୈତିକ ଇଚ୍ଛାଶକ୍ତି ର ଅଭିବ୍ୟକ୍ତି ଅଟେ ।
- ପ୍ରାରମ୍ଭିକ ଶିକ୍ଷାର ପରିଚାଳନାରେ ସ୍ୱାୟତ୍ତ ସାଶନ ପରିଷଦ ତଥା ଅନ୍ୟ ତୃଣମୂଳ ସ୍ତରର ସଂଗଠନ ମାନଙ୍କୁ ଏହା ସାମିଲ କରିଥାଏ ।

ଟିପ୍ପଣୀ

- ଏହା କେନ୍ଦ୍ର, ରାଜ୍ୟ ତଥା ସ୍ଥାନୀୟ ଶାସନ ଗୁଡିକ ମଧ୍ୟରେ ଭାଗିଦାରୀ ର ସ୍ୱାଗତ କରୁଅଛି ।
- ପ୍ରାରମ୍ଭିକ ଶିକ୍ଷା ନିମିତ୍ତ ରାଜ୍ୟ ଗୁଡିକ ସେମାନଙ୍କ ଦୃଷ୍ଟିଭଙ୍ଗୀ ବିକଶିତ କରିବା ପାଇଁ ଏହା ଏକ ସୁଯୋଗ ।
- ସର୍ବୋପରି ଗୋଷ୍ଠୀ ମାଲିକନା ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପିଲା ଭିତରେ ମାନବୀୟ ସାମର୍ଥ୍ୟ ବିକାଶ ନିମିତ୍ତ ସୁଯୋଗ ପ୍ରଦାନ କରିବାକୁ **ସର୍ବଶିକ୍ଷା ଅଭିଯାନ** ମଧ୍ୟ ଏକ ପ୍ରଚେଷ୍ଟା ।

## ୬.୩ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ

### କ) ସର୍ବଶିକ୍ଷା ଅଭିଯାନର ଲକ୍ଷ୍ୟ

୬ ବର୍ଷରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସବୁପିଲାଙ୍କ ପାଇଁ ୨୦୧୦ ମସିହା ସୁଦ୍ଧା ଉପଯୋଗୀ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ସର୍ବଶିକ୍ଷା ଅଭିଯାନର ଲକ୍ଷ୍ୟ ଥିଲା, ବିଦ୍ୟାଳୟଗୁଡିକର ପରିଚାଳନାରେ ଗୋଷ୍ଠିର ସକ୍ରିୟ ଅଂଶଗ୍ରହଣ ସହିତ ସାମାଜିକ , ଆଞ୍ଚଳିକ ଓ ଲିଙ୍ଗଗତ ଭେଦଭାବ କମାଇବା ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ୍ୟ ।

- ଉପଯୋଗୀ ଏବଂ ପ୍ରାସଙ୍ଗିକ ଶିକ୍ଷା ଅନୁସନ୍ଧାନ ମୂଳକ ଯାହା ବିଖଣ୍ଡିତ ନହୋଇ ଗୋଷ୍ଠି ସଂହିତ ଅଭିମୁଖୀ ହୋଇଥାଏ, ଏହା ପିଲାମାନଙ୍କ ସେମାନଙ୍କର ପ୍ରାକୃତିକ ପରିବେଶ ବିଷୟରେ ଜାଣିବା ଓ ନିୟନ୍ତ୍ରଣ କରିବାକୁ ଏହା ଲକ୍ଷ୍ୟ ରଖେ ଯାହା ସେମାନଙ୍କର ମାନବୀୟ ସାମର୍ଥ୍ୟ, ଉଭୟ ଆଧ୍ୟାତ୍ମିକ ଓ ଭୌତିକର ପୂର୍ଣ୍ଣ ବିନିଯୋଗ ପାଇଁ ସୁଯୋଗ ଦିଏ । ଏହି ଅନ୍ୱେଷଣ ମୂଲ୍ୟ ଆଧାରିତ ଶିକ୍ଷଣର ଏକ ପ୍ରକିୟା ହେବା ଉଚତ୍ ଯାହା କେବଳ ସ୍ୱାର୍ଥନ୍ୱେଷି ପ୍ରଚେଷ୍ଟା ହେବ ପରିବର୍ତ୍ତେ ପିଲାମାନଙ୍କୁ ପରସ୍ପରର ହିତ ନିମନ୍ତେ କାର୍ଯ୍ୟକରିବାକୁ ସୁଯୋଗ ଦେବ । ସର୍ବଶିକ୍ଷା ଅଭିଯାନ ଆଦ୍ୟ ବାଲ୍ୟାବସ୍ଥା ଯତ୍ନ ଓ ଶିକ୍ଷା (Early Childhood Care and Education) ର ଗୁରତ୍ୱକୁ ଉପଲବଦ୍ଧି କରେ ଓ ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ବୟସକୁ ଏକ କ୍ରମ ଭାବରେ ଗ୍ରହଣ କରେ ।ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କରାଯାଇଥିବା ପ୍ରଚେଷ୍ଟାକୁ ସହାୟତା ଦେବା ପାଇଁ ସମନ୍ୱିତ ଶିଶୁ ବିକାଶ ସେବା କେନ୍ଦ୍ରର ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଓ ଶିଶୁ ବିକାଶ ସେବା କେନ୍ଦ୍ର ନ ଥିବା ଅଞ୍ଚଳରେ ପ୍ରାକ ବିଦ୍ୟାଳୟ ଶିକ୍ଷା କେନ୍ଦ୍ର ଗୁଡିକକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ।



ଟିପ୍ପଣୀ

### ଖ) ସର୍ବଶିକ୍ଷା ଅଭିଯାନର ଉଦ୍ଦେଶ୍ୟ

ସର୍ବଶିକ୍ଷା ଅଭିଯାନର ନିମ୍ନ ଉଦ୍ଦେଶ୍ୟ ଗୁଡିକ ରହିଛି ।

- ସବୁ ପିଲା ବିଦ୍ୟାଳୟକୁ ଆସିବା ସୁନିଶ୍ଚିତ କରିବା । ନିଶ୍ଚିତ ଶିକ୍ଷାକେନ୍ଦ୍ର , ବିକଳ୍ପ ବିଦ୍ୟାଳୟ ତଥା ବିଦ୍ୟାଳୟକୁ ଫେରିବା କାର୍ଯ୍ୟକ୍ରମ ଆଡକୁ ୨୦୦୩ ମସିହା ସୁଦ୍ଧା କାର୍ଯ୍ୟକାରୀ କରିବା (ଏହା ପରବର୍ତ୍ତି ପର୍ଯ୍ୟାୟରେ ୨୦୦୫ କୁ ବଢ଼ାଇ ଦିଆଯାଇଥିଲା ।
- ୨୦୦୭ ମସିହା ସୁଦ୍ଧା ସମସ୍ତପିଲା ପାଞ୍ଚବର୍ଷର ବିଦ୍ୟାଳୟ ଶିକ୍ଷା ସମାପନ କରି ସୁନିଶ୍ଚିତ କରିବା, ୨୦୧୦ ସୁଦ୍ଧା ସମସ୍ତପିଲା ଆଠବର୍ଷର ପ୍ରାରମ୍ଭିକ ଶିକ୍ଷା ଶେଷ କରିବା ସୁନିଶ୍ଚିତ କରିବା ।
- ଉତ୍ତମ ଗୁଣାତ୍ମକ ସମ୍ପନ୍ନ ପ୍ରାରମ୍ଭିକ ଶିକ୍ଷା ସହ ଜୀବନ ପାଇଁ ଶିକ୍ଷା ଉପରେ ଆଲୋକପାତ କରିବା ।
- ୨୦୦୭ ସୁଦ୍ଧା ପ୍ରାଥମିକ ଓ ୨୦୧୦ ସୁଦ୍ଧା ପ୍ରାରମ୍ଭିକ ସ୍ତରରେ ସମସ୍ତ ପ୍ରକାର ସାମାଜିକ ଓ ଲିଙ୍ଗଗତ ଭେଦଭାବକୁ କମାଇବା ।
- ୨୦୧୦ ସୁଦ୍ଧା ସାର୍ବଜନୀନ ଅବଧାରଣ ନିଶ୍ଚିତ କରିବା ।
- ସର୍ବଶିକ୍ଷା ଅଭିଯାନର ସାମଗ୍ରୀକ ଢ଼ାଞ୍ଚା ଭିତରେ ରହି ନିଜସ୍ୱ ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରସ୍ତୁତ କରିବା ପାଇଁ ରାଜ୍ୟମାନଙ୍କୁ ଅନୁମତି ପ୍ରଦାନ କରିବା
- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜିଲ୍ଲା ଗୁଡିକୁ ଆଞ୍ଚଳିକ ବୈଶିଷ୍ଟ୍ୟ ପ୍ରତିଫଳନ ପାଇଁ ଉତ୍ସାହିତ କରିବା ।
- ବିସ୍ତୃତ ଜାତୀୟ ନୀତି ମାନଙ୍କୁ ଆଧାର କରି ସ୍ଥାନୀୟ ଆବଶ୍ୟକତା ଭିତ୍ତିକ ଯୋଜନାକୁ ପ୍ରୋତ୍ସାହିତ କରିବା ।

**ସର୍ବଶିକ୍ଷା ଅଭିଯାନ ଏକ ଢାଞ୍ଚା ଓ ଏକ କାର୍ଯ୍ୟକ୍ରମ**

(୧) ସର୍ବଶିକ୍ଷା ଅଭିଯାନର ଦୁଇଟି ଦିଗ ରହିଛି, ଏହା ପ୍ରାରମ୍ଭିକ ଶିକ୍ଷା ପାଠ୍ୟଖସଡ଼ାର କାର୍ଯ୍ୟକାରୀ କରିବା ପାଇଁ ବିସ୍ତୃତ ସମନ୍ୱିତ ଢାଞ୍ଚା ପ୍ରଦାନ କରେ ।

(୨) ସାବଜନୀନ ପ୍ରାରମ୍ଭିକ ଶିକ୍ଷା ହାସଲ କରିବା ପାଇଁ ଗୁରୁତ୍ୱପୁର୍ଣ୍ଣ କ୍ଷେତ୍ରଗୁଡ଼ିକରେ ବିକାଶ ନିମିତ୍ତ ଏଥିରେ ମଧ୍ୟ ଆର୍ଥିକ ବ୍ୟବସ୍ଥା ରହିଛି, ରାଜ୍ୟ ଓ କେନ୍ଦ୍ର ଯୋଜନାରୁ ପ୍ରାରମ୍ଭିକ ଶିକ୍ଷାକ୍ଷେତ୍ର ପାଇଁ ହେଉଥିବା ସମସ୍ତ ବିନିଯୋଗ ସର୍ବଶିକ୍ଷା ଅଭିଯାନ ଢାଞ୍ଚାର ଅଂଶରୁପେ ପ୍ରତିଫଳିତ ହେବ । ସେଗୁଡ଼ିକ ପରବର୍ତ୍ତୀ କେତେକ ବର୍ଷରେ ସର୍ବଶିକ୍ଷା ଅଭିଯାନରେ ମିଶିଯିବ

। ଏକ ଯୋଜନା ଭାବେ ଏହା ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା ନିମିତ୍ତ ଅତିରିକ୍ତ ସମ୍ବଳର ବ୍ୟବସ୍ଥା କରିଥାଏ ।

ଟିପ୍ପଣୀ

## ୬.୪. ସର୍ବଶିକ୍ଷା ଅଭିଯାନର ବିସ୍ତୃତ କୌଶଳ

- ଆନୁଷ୍ଠାନିକ ସଂସ୍କାର (Institutional Refoms) : ସର୍ବଶିକ୍ଷା ଅଭିଯାନର ଏକ ଅଂଶରୁପେ ବିତରଣ ବ୍ୟବସ୍ଥାର କାର୍ଯ୍ୟକୁଶଳତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆନୁଷ୍ଠାନିକ ସଂସ୍କାର ହାତକୁ ନେବେ । ରାଜ୍ୟ ସରକାର ମାନଙ୍କୁ ସେମାନଙ୍କ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ସହ ଶୈକ୍ଷିକ ପ୍ରଶାସନ, ବିଦ୍ୟାଳୟରେ ଉପଲବ୍ଧି ସ୍ତର , ଆର୍ଥିକ ସମସ୍ୟା ବିକେନ୍ଦ୍ରିକରଣ ଓ ଗୋଷ୍ଠୀ ମାଲିକାନା, ରାଜ୍ୟ ଶିକ୍ଷା ଆଇନ୍‌ର ତର୍ଜମା ଓ ଶିକ୍ଷକ ନିଯୁକ୍ତି, ପରିଦର୍ଶନ ଓ ମୁଲ୍ୟାୟନ, ବାଳିକା ଶିକ୍ଷା, ଅନୁସୁଚିତ ଜାତି ଓ ଜନଜାତି ଓ ଅବହଳିତ ଶ୍ରେଣୀର ଶିକ୍ଷା ଓ ଆଦ୍ୟା ବାଲ୍ୟାବସ୍ଥା ଯତ୍ନ ଓ ଶିକ୍ଷାର ବସ୍ତୁନିଷ୍ଠ ଆକଳନ କରିବାକୁ ହେବ । ଅଧିକାଂଶ ରାଜ୍ୟ ପ୍ରାରମ୍ଭିକ ଶିକ୍ଷା ପାଇଁ ବିତରଣ ବ୍ୟବସ୍ଥାର କାର୍ଯ୍ୟକୁଶଳତାରେ ଉନ୍ନତି ନିମିତ୍ତ ଅନେକ ପରିବର୍ତ୍ତନ କରିସାରିଛନ୍ତି ।

- ଧାରଣୀୟ **ଆର୍ଥୀକ ବ୍ୟବସ୍ଥା**(Sustainable Financing) **:** ସର୍ବଶିକ୍ଷା ଅଭିଯାନ ଏହି ଧାରଣା ଉପରେ ଆଧାରିତ, ଯେ ପ୍ରାରମ୍ଭିକ ଶିକ୍ଷାର ବିଭିନ୍ନ କାର୍ଯ୍ୟରେ ଆର୍ଥୀକ ବ୍ୟବସ୍ଥାର ସ୍ଥିରତା ରହିବା ଆବଶ୍ୟକ । ଏହା କେନ୍ଦ୍ର ଓ ରାଜ୍ୟ ସରକାର ଗୁଡିକ ମଧ୍ୟରେ ଏକ ଦୀର୍ଘକାଳୀନ ଆର୍ଥିକ ଭାଗୀଦାରିତା ଆବଶ୍ୟକ କରେ ।

- ଗୋଷ୍ଠୀ **ମାଲିକାନା** (Community Ownership) **:** ଏହି କାର୍ଯ୍ୟକ୍ରମ ପ୍ରଭାବଶାଳୀ ବିକେନ୍ଦ୍ରିକରଣ ମାଧ୍ୟମରେ ବିଦ୍ୟାଳୟ ଭିତ୍ତିକ କାର୍ଯ୍ୟ ଗୁଡିକର ଗୋଷ୍ଠୀ ମାଲିକନା ଆହ୍ୱାନ କରେ । ଏହାର ବିକାଶ ମହିଳା ଗୋଷ୍ଠୀ , ଗ୍ରାମ ଶିକ୍ଷା ଗୋଷ୍ଠୀ କମିଟିର ସଦସ୍ୟ ଓ ପଞ୍ଚାୟତରାଜ ଅନୁଷ୍ଠାନର ସଭ୍ୟ ମାନଙ୍କର ସଂପୃକ୍ତି ଦ୍ୱାରା ହୋଇପାରିବ ।

- **ଆନୁଷ୍ଠାନିକ ସାମର୍ଥ୍ୟ ବିକାଶ :** ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ଏନ.ଆଇ.ଇ.ପିଏ / ଏନ୍‌.ସି.ଇ.ଆର୍‌.ଟି / ଏନ୍‌.ସି.ଟି.ଇ. / ଏସ୍‌.ସି.ଇ.ଆର.ଟି. / ଏସ୍‌.ଆଇ.ଇ.ଏମ.ଇ.ଟି. ପରି ଜାତୀୟ ଓ ରାଜ୍ୟ ସ୍ତରୀୟ ଅନୁଷ୍ଠାନ ଗୁଡିକ ସାମର୍ଥ୍ୟ ବିକାଶରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

- ଗୁଣବତ୍ତାରେ ବିକାଶ ସାଧନକର୍ମୀ ଓ ଅନୁଷ୍ଠାନମାନଙ୍କର ଏକ ସ୍ଥାୟୀ ବ୍ୟବସ୍ଥା ଆବଶ୍ୟକ କରେ ।



ଟିପ୍ପଣୀ

- ମୁଖ୍ୟ ସ୍ରୋତରେ ଥିବା ଶୈକ୍ଷିକ ପ୍ରଶାସନର ବିକାଶ : ଆନୁଷ୍ଠାନିକ ବିକାଶ ନୂତନ ପନ୍ଥାର ସମିଶ୍ରଣ ଓ ଦକ୍ଷ ଏବଂ ସ୍ୱଚ୍ଛ ମୂଲ୍ୟଯୁକ୍ତ ପଦ୍ଧତି ଗ୍ରହଣ ପୂର୍ବକ ଏହା ମୁଖ୍ୟ ସ୍ରୋତରେ ଥିବା ଶୈକ୍ଷିକ ପ୍ରଶାସନରେ ବିକାଶ ପାଇଁ ପ୍ରଚେଷ୍ଟା କରିଥାଏ ।
- ସ୍ୱଚ୍ଛତା ଆଧାରିତ ଗୋଷ୍ଠିକେନ୍ଦ୍ରିକ ତଦାରଖ (Community based Monitoring with full Transperency):
- ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଆଧାରିତ ତଦାରଖ ବ୍ୟବସ୍ଥା ଥାଏ । ଅଣୁଯୋଜନା(Microplanning) ଓ ସର୍ବେକ୍ଷଣ (Research) ଦ୍ୱାରା ବିଦ୍ୟାଳୟ ଭିତ୍ତିକ ତଥ୍ୟ ଗୁଡ଼ିକୁ ଶୈକ୍ଷିକ ପରିଚାଳନା ସୂଚନା ବ୍ୟବସ୍ଥା (EMIS) ମାଧ୍ୟମରେ ସମ୍ମିଳିତ କରିବାର ବ୍ୟବସ୍ଥା ରହିଛି । ଏହା ବ୍ୟତିତ ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ ସୁଚନା ଏପରିକି ପାଉଥିବା ଅନୁଦାନର ତଥ୍ୟ ଗୋଷ୍ଠୀ ସହ ବିନିମୟ କରିବାକୁ ଉତ୍ସାହିତ କରାଯିବ ।

- ଜନବସତି(Habitation) ଯୋଜନାର ଏକକ : ଯୋଜନାର ଏକକ ଭାବେ ବସତିକୁ ଗ୍ରହଣ କରିବା ପନ୍ଥାରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟ କରିଥାଏ । ଜିଲ୍ଲା ଯୋଜନା ପ୍ରସ୍ତୁତି ନିମିତ୍ତ ବସତି ଯୋଜନାକୁ ଆଧାର ଭାବେ ଗ୍ରହଣ କରାଯିବ ।
- ଗୋଷ୍ଠୀ ପ୍ରତି ଉତ୍ତରଦାୟୀ (Accountability to Community) : ସର୍ବଶିକ୍ଷା ଅଭିଯାନ ଶିକ୍ଷକ, ଅଭିଭାବକ ଓ ପଞ୍ଚାୟତିରାଜ ଅନୁଷ୍ଠାନ ମଧ୍ୟରେ ସହଯୋଗ ଉତ୍ତରଦାୟୀ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରେ ।
- ବାଳିକା ଶିକ୍ଷା ପ୍ରତି ପ୍ରାଥମିକତା : ବାଳିକା ଶିକ୍ଷା ବିଶେଷତଃ ଅନୁସୁଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସଂପ୍ରଦାୟର ବାଳିକା ମାନଙ୍କର ଶିକ୍ଷା, ସର୍ବଶିକ୍ଷା ଅଭିଯାନର ମୁଖ୍ୟ ବିଷୟ ।
- ସ୍ୱତନ୍ତ୍ର ଗୋଷ୍ଠୀ ଉପରେ ଧ୍ୟାନ (Focus on Special Groups): ଶୈକ୍ଷିକ ପ୍ରକ୍ରିୟାରେ ଅନୁସୁଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ସହରତଳି ଅଞ୍ଚଳର ବଂଚିତ ବର୍ଗର ପିଲା ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ମାନଙ୍କୁ ସାମିଲ୍ କରିବା ଓ ସେମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିବା ଉପରେ ଧ୍ୟାନ ଦେବା ।
- ଗୁଣବତ୍ତା ଉପରେ ଗୁରୁତ୍ୱ: ପାଠ୍ୟକ୍ରମ, ଶିଶୁ କୈନ୍ଦ୍ରିକ କାର୍ଯ୍ୟକ୍ରମ ଓ ଫଳପ୍ରଦ ଶିକ୍ଷାଦାନ ଶିକ୍ଷଣ କୌଶଳ ଗୁଡ଼ିକରେ ଉନ୍ନତି ଆଣି ପ୍ରାରମ୍ଭିକ ସ୍ତରରେ ଶିକ୍ଷାକୁ ପ୍ରାସଙ୍ଗିକ ଓ ଉପଯୋଗୀ କରିବା ପାଇଁ ସର୍ବଶିକ୍ଷା ଅଭିଯାନ ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରିଥାଏ ।

ଟିପ୍ପଣୀ

- ଶିକ୍ଷକ ମାନଙ୍କର ଭୂମିକା: ଶିକ୍ଷକ ମାନଙ୍କର ନିର୍ଣ୍ଣାୟକ ଓ କୈନ୍ଦ୍ରିକ ଭୂମିକାକୁ ସର୍ବଶିକ୍ଷା ଅଭିଯାନ ସ୍ୱିକୃତି ଦିଏ ଏବଂ ସେମାନଙ୍କର ବିକାଶର ଆବଶ୍ୟକତା ଉପରେ ଧ୍ୟାନ ଦେବା ସପକ୍ଷରେ ଗୁରୁତ୍ୱ ଆରୋପ କରେ, ଗୋଷ୍ଠୀ ସାଧନ କେନ୍ଦ୍ର । ଆଞ୍ଚଳିକ ସାଧନ କେନ୍ଦ୍ର ସ୍ଥାପନ, ଅଭିଜ୍ଞ ଶିକ୍ଷକ ନିଯୁକ୍ତି,ପାଠ୍ୟକ୍ରମ ସମ୍ପର୍କିତ ଉପାଦାନ ବିକାଶ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନରେ ଅଂଶଗ୍ରହଣ ଆଦି ସୁଯୋଗ ଶିକ୍ଷକ ମାନଙ୍କ ମାନବୀୟ ସମ୍ବଳ ବିକାଶ ପାଇଁ ଉଦ୍ଦିଷ୍ଟ ।
- ଜିଲ୍ଲା ପ୍ରାରମ୍ଭିକ ଶିକ୍ଷା ଯୋଜନା (DPEP) : ସର୍ବଶିକ୍ଷା ଅଭିଯାନର ଢାଞ୍ଚା ଅନୁସାରେ ଅର୍ଥ ଜିଲ୍ଲା ପ୍ରାରମ୍ଭିକ ଶିକ୍ଷା (DPEP) ସ୍ତରରେ ନିବେଶ କରୁଥିବା ଓ ଆବଶ୍ୟକ କରୁଥିବା ଅର୍ଥ ସମ୍ପର୍କିତ ସୁଚନା ପ୍ରତିଫଳିତ କରି ଜିଲ୍ଲା ସ୍ତରରେ ପ୍ରାରମ୍ଭିକ ଶିକ୍ଷାଯୋଜନା ପ୍ରସ୍ତୁତ କରିବେ ।

**ସର୍ବଶିକ୍ଷା ଅଭିଯାନରେ ସରକାରୀ ଓ ଘରୋଇ ଭାଗୀଦାରିତା :**

ସରକାରୀ ଓ ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ଦ୍ୱାରା ମୁଖ୍ୟତଃ ପ୍ରାରମ୍ଭିକ ଶିକ୍ଷା ଦିଆଯାଉଥିବା କଥା ସର୍ବଶିକ୍ଷା ଅଭିଯାନରେ ଉଲ୍ଲେଖ କରାଯାଇଛି । ଏପରିକି ଦେଶର ଅନେକ ଭାଗରେ ବେସରକାରୀ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରନ୍ତି । ଦେଶର ଅନେକ ଭାଗରେ ବେସରକାରୀ ବିଦ୍ୟାଳୟ ମାନେ ଆଦାୟ କରୁଥିବା ପାଉଣା ଦେବାକୁ ଗରିବ ପରିବାର ମାନେ ସକ୍ଷମ ନୁହନ୍ତି । ଅନ୍ୟପକ୍ଷରେ ଆଉ କେତେକ ବେସରକାରୀ ବିଦ୍ୟାଳୟ ଅପେକ୍ଷାକୃତ କମ ପାଉଣା ଆଦାୟ କରନ୍ତି ଯେଉଁଠି ଗରିବ ପିଲାମାନେ ପଢିଥାନ୍ତି । ଏହି ସବୁ ବିଦ୍ୟାଳୟ ମଧ୍ୟରୁ କେତେକ କ୍ଷେତ୍ରରେ ନିମ୍ନମାନର ସୁବିଧା ସୁଯୋଗମାନ ଉପଲବ୍ଧ ହେଉଥିବା ବେଳେ ଶିକ୍ଷକମାନେ ଅଳ୍ପ ବେତନ ପାଆନ୍ତି । ଯେତେବେଳେ ସମୃଦ୍ଧ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ସମତା ଓ ସମସ୍ତଙ୍କ ପାଇଁ ପ୍ରବେଶ ନିମିତ୍ତ ସମସ୍ତ ପ୍ରଚେଷ୍ଟାକୁ ଉତ୍ସାହିତ କରାଯାଉଛି ସେତେବେଳେ ସରକାରୀ ଘରେ ଭାଗୀଦାରୀତା ନିମିତ୍ତ କ୍ଷେତ୍ରଗୁଡିକୁ ମଧ୍ୟ ଅନୁସନ୍ଧାନ କରବାକୁ ପଡ଼ିବ । ସରକାରୀ, ସ୍ଥାନୀୟ ଅଞ୍ଚଳ ପରିଷଦ ଓ ବେସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ଗୁଡିକ ଜିଲ୍ଲା ପ୍ରାଥମିକ ଶିକ୍ଷାକେନ୍ଦ୍ର ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଭଳି ସର୍ବଶିକ୍ଷା ଅଭିଯାନର ଅନ୍ତର୍ଭୁକ୍ତ କରାଯିବ । ଯଦି ବେସରକାରୀ ସ୍ତରରେ ସରକାରୀ, ସ୍ଥାନୀୟ ଅଞ୍ଚଳ ପରିଷଦ ବା ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ବିକାଶ ପାଇଁ ଇଚ୍ଛା ପ୍ରକାଶ କରାଯାଏ ତେବେ ଏହି କ୍ଷେତ୍ରରେ ରାଜ୍ୟ ନିତିର ବିସ୍ତୃତ ମାନଦଣ୍ଡ ଆଧାରରେ ଭାଗୀଦାରିତାର ବିକାଶ ପାଇଁ ପ୍ରଚେଷ୍ଟା କରାଯିବ । ଯଦି ବେସରକାରୀ ଅନୁଷ୍ଠାନ ଅତିରିକ୍ତ ଖର୍ଚ୍ଚ ବହନ କରନ୍ତି ତେବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଓ ଅଣ ଅନୁଦାନ ବେସରକାରୀ ଅନୁଷ୍ଠାନ



ଟିପ୍ପଣୀ

ଗୁଡିକୁ ରାଜ୍ୟ ସରକାରଙ୍କୁ ନୀତି ଆଧାରରେ ସମ୍ବଳ ସହାୟତା ଦେବାପାଇଁ ବ୍ୟବହାର କରାଯାଇପାରିବ ।

## ୬.୫. ସର୍ବଶିକ୍ଷା ଅଭିଯାନରେ ଆର୍ଥିକ ବ୍ୟବସ୍ଥା :

ଏହି ଅଭିଯାନ ଅନ୍ତର୍ଗତ କେନ୍ଦ୍ର ଓ ରାଜ୍ୟରୁ ପାଇବାକୁ ଥିବା ଆର୍ଥିକ ସହାୟତାର ଅନୁପାତ ଥିଲା ୮୫:୧୫ । ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଏହି ଅନୁପାତ ଥିଲା ୭୫:୨୫ । ପରବର୍ତ୍ତୀ ସ୍ତରରେ ଏହ ସ୍ତରରେ ଏହି ଅନୁପାତରେ ପରିମାଣ ୫୦:୫୦ ରଖାଗଲା । ଏଥି ନିମିତ୍ତ ରାଜ୍ୟ ସରକାରଙ୍କ ଠାରୁ ସେମାନଙ୍କ ଅଂଶଧନ ବାବଦକୁ ଦେବାକୁ ଦେୟ ନିମିତ୍ତ ପ୍ରତିଶ୍ରୁତିବଦ୍ଧତାକୁ ଲିଖିତ ରୁପେ ଦେବାକୁ କୁହାଯାଇଥିଲା ।

- ରାଜ୍ୟ ସରକାରମାନେ ପ୍ରାରମ୍ଭିକ ଶିକ୍ଷା ପାଇଁ ସେମାନଙ୍କ ଆର୍ଥିକ ବିନିଯୋଗ ଅନୁପାତ ୧୯୯୯-୨୦୦୦ ମସିହା ସୁଦ୍ଧା ବଜାୟ ରଖିବେ । ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟସରକାରଙ୍କ ଅଂଶଧନ ଏହି ବିନିଯୋଗର ଉର୍ଦ୍ଧ୍ୱରେ ରହିବ ।
- ଭାରତ ସରକାର ରାଜ୍ୟ ଓ କେନ୍ଦ୍ରସାଶିତ ଅଞ୍ଚଳ ଗୁଡ଼ିକୁ ଅନୁଦାନ ପ୍ରଦାନ କରିବେ । ପୂର୍ବ କିସ୍ତି (ପ୍ରଥମ କିସ୍ତି ବ୍ୟତିତ) ଓ ରାଜ୍ୟସରକାରଙ୍କ ଅଂଶଧନ ରାଜ୍ୟ ସ୍ତରରେ ଥିବା କାର୍ଯ୍ୟକ୍ରମ ପ୍ରବର୍ତ୍ତନକାରୀ ସଂସ୍ଥାକୁ ହସ୍ତାନ୍ତର କରିବା ପରେ କେବଳ ପରବର୍ତ୍ତୀ କିସ୍ତି ପ୍ରଦାନ କରାଯିବ ।
- ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ବେତନ ନିମିତ୍ତଖର୍ଚ୍ଚ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ୮୫:୧୫ ନବମ ଯୋଜନାକାଳରେ, ୭୫:୨୫ ଦଶମ ଯୋଜନା ଓ ପରବର୍ତ୍ତୀ କାଳରେ ୫୦:୫୦ ଅନୁପାତରେ ଦେବା ପାଇଁ ଭାଗୀଦାରିତା ଆଧାରରେ ସ୍ଥିର କରାଯାଇଛି ।
- ପ୍ରାରମ୍ଭିକ ଶିକ୍ଷାର ସମସ୍ତ ଯୋଜନା(ଜାତୀୟ ବାଳ ଭବନ ଓ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ବ୍ୟତିତ) ନବମ ଯୋଜନା ପରେ ଏକିକୃତ ହୋଇଯିବ । ପ୍ରାଥମିକ ଶିକ୍ଷାରେ ପୌଷ୍ଟିକ ସହାୟତା ପାଇଁ ଜାତୀୟ କାର୍ଯ୍ୟକ୍ରମ(ମଧ୍ୟାହ୍ନ ଭୋଜନ) ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବରେ ରହିବ ଯେଉଁଥିରେ କେନ୍ଦ୍ର ସରକାର ଖାଦ୍ୟଶସ୍ୟ ଓ ନିର୍ଦ୍ଦିଷ୍ଟ ପରିବହନ ଖର୍ଚ୍ଚ ବହନ କରିବେ ଏବଂ ରନ୍ଧାଖାଦ୍ୟର ମୂଲ୍ୟ ରାଜ୍ୟସରକାର ବହନ କରିବେ ।
- ବିଭିନ୍ନ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ଯୋଜନା ଯଥା PGGY, JGSY, PMRY, SRY, MP/MLA LAD ରାଜ୍ୟ ଯୋଜନା, ବିଦେଶୀ ସହାୟତା(ଯଦି ଥାଏ) ଓ ବେସରକାରୀ ସ୍ତରରେ ସୃଷ୍ଟି ହେଉଥିବା ସମ୍ବଳ ଆଦିରୁ ମିଳୁଥିବା ଅନୁଦାନ ଓ ସମ୍ବଳକୁ ଜିଲ୍ଲା ଶିକ୍ଷା ଯୋଜନାରେ ପ୍ରଦଶିତ କରିବ ।
- ବିଦ୍ୟାଳୟ ଉନ୍ନତିକରଣ , ରକ୍ଷଣାବେକ୍ଷଣ, ମରାମତି ଓ ଶିକ୍ଷଣ ଶିକ୍ଷାଦାନ ସରଞ୍ଜାମ ଓ ସ୍ଥାନୀୟ ପରିଚାଳନା ପାଇଁ ବିନିଯୋଗ ହେଉଥିବା ଅନୁଦାନ ଗ୍ରାମ୍ୟଶିକ୍ଷା କମିଟି/ବିଦ୍ୟାଳୟ ପରିଚାଳନା କମିଟି/ଗ୍ରାମ ପଞ୍ଚାୟତ ବା ଯେ କୌଣସି ଅନ୍ୟ ଗ୍ରାମ୍ୟ/ବିଦ୍ୟାଳୟ ସ୍ତରୀୟ ବ୍ୟବସ୍ଥାକୁ ହସ୍ତାନ୍ତର କରିବା ଦରକାର ।

- ଛାତ୍ରବୃତ୍ତି ଓ ୟୁନିଫର୍ମ ପୋଷାକ ବଣ୍ଟନ ନିମିତ୍ତ ଅନୁଦାନ ପ୍ରଦାନ ପ୍ରକ୍ରିୟରା ରାଜ୍ୟ ଯୋଜନା ଅଧିନରେ ଚାଲୁରହିବ । ଏଗୁଡ଼ିକ ସର୍ବଶିକ୍ଷା ଅଭିଯାନ ଦ୍ୱାରା ଅନୁଦାନପ୍ରାପ୍ତ ହେବନାହିଁ ।

**ବିଦ୍ୟାଳୟ ଓ ଅନ୍ୟାନ୍ୟ ସମ୍ପର୍କିତ ସୁବିଧା ସୁଯୋଗର ବିକାଶ:**

ଆପଣମାନେ ଜାଣନ୍ତି ଯେ ପ୍ରାରମ୍ଭିକ ଶିକ୍ଷା ମୁଖ୍ୟତଃ ରାଜ୍ୟର ଦାୟିତ୍ୱ ଅଟେ । ପ୍ରାରମ୍ଭିକ ଶିକ୍ଷା ନିମିତ୍ତ କେନ୍ଦ୍ର ସରକାରଙ୍କ ଠାରୁ ଆସୁଥିବା ସହାୟତା ଫଳରେ ରାଜ୍ୟ ସରକାର ଭିତ୍ତିଭୂମି ସୁବିଧା, ଶିକ୍ଷକ ଓ ଶିକ୍ଷକ ପ୍ରଶିକ୍ଷଣ ପାଇଁ ଏବେ ଅତିରିକ୍ତ ସମ୍ବଳ ବିନିଯୋଗ କରିବାପାଇଁ ସକ୍ଷମ । ତେବେ ନୈତିକ ଓ ମାନବସମ୍ବଳ ବିଶେଷ କରି ଶ୍ରେଣୀଗୃହ, ପାଠ୍ୟ ପୁସ୍ତକ ବଣ୍ଟନ, ଶିକ୍ଷକ ନିଯୁକ୍ତି ତଥା ଶିକ୍ଷକ ପ୍ରଶିକ୍ଷଣ ଭଳି ମୁଖ୍ୟ ଆବଶ୍ୟକତା କ୍ଷେତ୍ରରେ ସର୍ବଶିକ୍ଷା ଅଭିଯାନର ଉପଲବ୍ଧତା ଏ ଯାବତ୍ ପଛରେ ରହିଛି ।

**ସର୍ବଶିକ୍ଷା ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ:**

୧. ବିକଳ୍ପ ଅଭିନବ ଶିକ୍ଷା: ପ୍ରାଥମିକ ଶିକ୍ଷାରେ ସମସ୍ତ ପିଲାଙ୍କୁ ପ୍ରବେଶ ନିମନ୍ତେ ସୁଯୋଗ ଦେବାପାଇଁ ବିକଳ୍ପ ଅଭିନବ ଶିକ୍ଷା ବ୍ୟବସ୍ଥା ସର୍ବଶିକ୍ଷା ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣକାର୍ଯ୍ୟକ୍ରମ ଅଟେ । ଅନୁସୂଚିତ ଜନଜାତି ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଅବହେଳିତ ଓ ବଂଚିତ ବର୍ଗର ପିଲାମାନଙ୍କ ଅଂଶଗ୍ରହଣ ପାଇଁ ବହୁବିଧ କୌଶଳ ବିକଶିତ କରାଯାଇଛି ।

୨. ନିର୍ମାଣ କାର୍ଯ୍ୟ : ସର୍ବଶିକ୍ଷା ଅଭିଯାନରେ ନିର୍ମାଣ କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଏହି ଭାଗରେ ମୋଟ ପ୍ରକଳ୍ପ ଅଟକଳର ଏକ ବଡ଼ଭାଗ ୩୩% ଖର୍ଚ୍ଚ କରାଯାଇଥାଏ । ସାଧାରଣତଃ ବିଦ୍ୟାଳୟର ଭିତ୍ତିଭୂମି ପିଲାମାନଙ୍କର ପ୍ରବେଶ ଓ ଅବଧାରଣରେ ସହାୟକ ହୋଇଥାଏ  ଯାହା ସର୍ବଶିକ୍ଷା ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଅଟେ । ଉପଜିଲ୍ଲା ସ୍ତରୀୟ ସାଧନକେନ୍ଦ୍ରର ଭିତ୍ତିଭୂମି ବ୍ୟବସ୍ଥା, ଶୈକ୍ଷିକ ସହାୟତା ଦେବା ନିମନ୍ତେ ସୁଯୋଗ ସୃଷ୍ଟି କରିଥାଏ, ଯାହା ଗୁଣାତ୍ମକ ମାନର ଅଭିବୃଦ୍ଧି ନିମିତ୍ତ ଏକ ଉତ୍ପ୍ରେରକ ।

୩. ଅଭିନବ କାର୍ଯ୍ୟକ୍ରମ : ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଉଥିବା ଅଭିନବ କାର୍ଯ୍ୟକ୍ରମ ଗୁଡ଼ିକ ୬ରୁ ୧୪ ବର୍ଷ  ବୟସର ଶିକ୍ଷାର୍ଥୀ ମାନଙ୍କୁ ଉପଯୋଗୀ ଓ ପ୍ରାସଙ୍ଗିକ ପ୍ରାରମ୍ଭିକ ଶିକ୍ଷା ହାସଲ କରିବା ଓ ଗୋଷ୍ଠୀର ସକ୍ରିୟ ଭାଗୀଦାରିତାରେ ସାମାଜିକ, ଆଞ୍ଚଳିକ ଓ ଲିଙ୍ଗଗତ ପାର୍ଥକ୍ୟକୁ ଜଣେଇବାରେ ଏକ ଉତ୍ପ୍ରେରକ ରୁପେ କାର୍ଯ୍ୟ କରିଥାଏ । ଶିକ୍ଷାରେ ଶିକ୍ଷାର୍ଥୀ ମାନଙ୍କୁ ଆଗ୍ରହୀ କରିବାରେ ଓ ସେମାନଙ୍କୁ ପାଠପଢାରେ ମନୋଯୋଗୀ କରିବା ପାଇଁ ସହାୟତା ଦେବାରେ ଏହି କାର୍ଯ୍ୟ ଗୁଡ଼ିକ ସଫଂଳ ହୋଇଛି । ଅଭିନବ କାର୍ଯ୍ୟ ଯୋଜନାରେ କରାଯାଉଥିବା କାର୍ଯ୍ୟଗୁଡ଼ିକ ହେଲା ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା , ବାଳିକା ଶିକ୍ଷା, ଅନୁସୂଚିତ ଜାତି/ଜନଜାତିଙ୍କ ଶିକ୍ଷା ଓ କମ୍ପୁଟର ଶିକ୍ଷା ।

୪. ଗବେଷଣା ଓ ମୂଲ୍ୟାୟନ: ଗବେଷଣା, ମୂଲ୍ୟାୟନ, ତଦାରଖ ଓ ପର୍ଯ୍ୟବେକ୍ଷଣ ଆଦି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ପାରିବାରିକ ତଥ୍ୟକୁ ନବୀକରଣ କରିବା ନିମିତ୍ତ ନିୟମିତ ବିଦ୍ୟାଳୟ ମାନଚିତ୍ର କରଣ/ଅଣୁଯୋଜନା କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । ଉଭୟ ସରକାରୀ ଓ



ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ପାଇଁ ପାଣ୍ଠି ବିନିଯୋଗ କରାଯାଇପାରିବ । ଏହି କାର୍ଯ୍ୟକ୍ରମ ଅଧିନରେ ନିମ୍ନୋକ୍ତ କାର୍ଯ୍ୟ ଗୁଡ଼ିକ ରଖାଯାଇଛି । ଯଥା:-

- କ୍ଷେତ୍ର ପର୍ଯ୍ୟବେସିତ ଫଳପ୍ରଦ ତଦାରଖ ପାଇଁ ସାଧନକର୍ମୀଙ୍କ ଏକ ଦଳ ଗଠନ କରିବା ।
- ଗୋଷ୍ଠୀ ଆଧାରିତ ତଥ୍ୟ ନିୟମିତ ପ୍ରଦାନ କରିବା ।
- ଉପଲବ୍ଧି ପରୀକ୍ଷଣ ଓ ଅଧ୍ୟୟନ ଉପରେ ମୂଲ୍ୟାୟନ କରିବା ।
- ଗବେଷଣା କାର୍ଯ୍ୟ ହାତକୁ ନେବା ।
- ମହିଳା ସାକ୍ଷରତା ହାର କମ୍ ଥିବା ଜିଲ୍ଲା ଓ ବାଳିକା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିର ଶିକ୍ଷାର୍ଥୀ ମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଦଳ ଗଠନ କରିବା ।
- ଶୈକ୍ଷିକ ତଥ୍ୟ ପରିଚାଳନା ବ୍ୟବସ୍ଥା ନିମିତ୍ତ ବ୍ୟୟ ବରାଦ କରିବା ।
- ପର୍ଯ୍ୟବେକ୍ଷଣ ଆଧାରିତ ତଦାରଖ ବ୍ୟବସ୍ଥା ପାଇଁ ସାମ୍ଭାବ୍ୟ ଖର୍ଚ୍ଚ ଯଥା ଚାର୍ଟ, ପୋଷ୍ଟର, ସ୍କେଚ୍‌ପେନ୍, ପ୍ରୋଜେକ୍ଟର ଆଦି କିଣିବା ହାତକୁ ନେବା ।
- କୋହର୍ଟ ଅଧ୍ୟୟନ (Cohort Studies) ପରିଚାଳନା କରିବା ।

୫. ବିଦ୍ୟାଳୟ ଅନୁଦାନ : ଏହି ପ୍ରକଳ୍ପ ଅନ୍ତର୍ଗତ ପ୍ରତ୍ୟେକ ବିଦ୍ୟାଳୟକୁ ୨୦୦୦ ଟଙ୍କା ଅନୁଦାନର ବ୍ୟବସ୍ଥା କରାଯାଇଥିଲା । ବିଦ୍ୟାଳୟ ପାଠାଗାରର ଉନ୍ନତି ପାଇଁ ଏହି ଅନୁଦାନର ୧୦୦୦ ଟଙ୍କା ଲେଖାଏଁ ଦିଆ ଯିବାର ବ୍ୟବସ୍ଥା କରାଯାଇଥିଲା । ଅବଶିଷ୍ଟ ୧୦୦୦ ଟଙ୍କାରେ ଅକାମୀ ଶିକ୍ଷା ଉପକରଣକୁ କାର୍ଯ୍ୟକ୍ଷମ କରିବା ପାଇଁ, ବିଦ୍ୟାଳୟର ସୌନ୍ଦର୍ଯ୍ୟ କରଣ, ଆସବାବପତ୍ରର ମରାମତି ଓ ରକ୍ଷାଣାବେକ୍ଷଣ ପାଇଁ ଏବଂ ବିଦ୍ୟାଳୟର ସାମଗ୍ରୀକ ବିକାଶ ଓ ଉନ୍ନୟନ ପାଇଁ ୧୦୦୦ ଟଙ୍କା ବ୍ୟବସ୍ଥା ରଖାଯାଇଥିଲା ।

ଶିକ୍ଷକ ଅନୁଦାନ : ଶ୍ରେଣୀ ଶିକ୍ଷାଦାନ ପ୍ରକ୍ରୀୟାର ଉନ୍ନତି ଏବଂ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପାଇଁ ପ୍ରତି ଶିକ୍ଷକଙ୍କୁ ୫୦୦ ଟଙ୍କା ପ୍ରଦାନ କରାଯାଉଅଛି । ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଏବଂ ଉପଯୋଗ ପାଇଁ ଶିକ୍ଷକମାନେ ଏହି ଅର୍ଥ ଫଳପ୍ରଦ ଶ୍ରେଣୀ ଶିକ୍ଷଣ ପ୍ରକ୍ରିୟା ପାଇଁ ବିନିଯୋଗ କରିବେ ।

ଶିକ୍ଷକ ପ୍ରଶିକ୍ଷଣ : ସମସ୍ତ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଆପଣ ଏଥିରେ ନିଶ୍ଚୟ ସମ୍ମତ ହେବ ଯେ ଶିକ୍ଷାର ଗୁଣାତ୍ମକ ମାନ ଗୁଣାତ୍ମକ ଶିକ୍ଷକ ଉପରେ ନିର୍ଭର କରେ । ନିରବଚ୍ଛିନ୍ନ ଭାବରେ ଶିକ୍ଷକ ପ୍ରଶିକ୍ଷଣ ପାଠ୍ୟ ବିଷୟବସ୍ତୁ ଏବଂ ଶିକ୍ଷଣ ପ୍ରକ୍ରୀୟାର ଉନ୍ନତି କରଣ ତଥା ପ୍ରାସଙ୍ଗିକ ସମସ୍ୟା ସଂପର୍କିତ ଶିକ୍ଷା ପ୍ରଦାନ ସର୍ବଶିକ୍ଷା ଅଭିଯାନର ଏକ ପ୍ରମୁଖ ପ୍ରୟାସ । ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ଶିକ୍ଷକ ମାନଙ୍କ ଠାରେ ଦକ୍ଷତା ବୃଦ୍ଧି । ଯାହା ଫଳରେ ସେମାନେ ଶିଶୁମାନଙ୍କ ଶିକ୍ଷଣରେ ସହାୟତା ଯୋଗାଇବାକୁ ସମର୍ଥ ହେବେ । ସାର୍ବଜନୀନ ପ୍ରାଥମିକ ଶିକ୍ଷା ସମ୍ପର୍କୀତ ବିବିଧ ସମସ୍ୟା ସମ୍ବନ୍ଧରେ ମୁଖ୍ୟ ପ୍ରଶିକ୍ଷକଙ୍କୁ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ଦେବା ଆବଶ୍ୟକ ; ଯେଉଁମାନେ ପରବର୍ତ୍ତୀ ସମୟରେ ଶିକ୍ଷକ ଏବଂ ସର୍ବଶିକ୍ଷାର ଅନ୍ୟ ସଂସ୍ଥାଗୁଡ଼ିକୁ ପ୍ରଶିକ୍ଷଣ ପ୍ରଦାନ କରିବେ । ପ୍ରାଥମିକ ଶିକ୍ଷାରେ ପ୍ରଚଳିତ ନୂତନ ଜ୍ଞାନ କୌଶଳ ଏବଂ ପ୍ରୟୋଗ ଶୈଳୀର ଆଧୁନିକୀକରଣ



ଟିପ୍ପଣୀ

ପାଇଁ ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣ ସହାୟତା କରିଥାଏ । ପ୍ରଶିକ୍ଷଣର ଉନ୍ନତି ପାଇଁ ବିଭିନ୍ନ ପ୍ରକାର କୌଶଳ ଅନୁସରଣ କରାଯାଇପାରେ ।

ମୁଖ୍ୟ କୌଶଳ ଗୁଡ଼ିକ ନିମ୍ନରେ ଦର୍ଶାଯାଇଅଛି :

- ଶିକ୍ଷକ ମାନଙ୍କର ପ୍ରଶିକ୍ଷଣ ଓ ପୁନଃ ପ୍ରଶିକ୍ଷଣ ।
- ନୂତନ ପାଠକ୍ରମ ଓ ପାଠ୍ୟପୁସ୍ତକ ଉପରେ ପରିଚିତ କରଣ ପ୍ରଶିକ୍ଷଣ ।
- ପରୀକ୍ଷା ସଂସ୍କାର ।
- ଆକଳନ ଏବଂ ଗ୍ରେଡ଼ିଙ୍ଗ ବ୍ୟବସ୍ଥା ଏବଂ ଗ୍ରେଡ଼ିଙ୍ଗ ବ୍ୟବସ୍ଥାର ପ୍ରଭାବ ସଂପର୍କରେ ପ୍ରଶିକ୍ଷଣ ।
- ପାଠ୍ୟ ବିଷୟବସ୍ତୁ ଏବଂ ସହପାଠ୍ୟ ବିଷୟବସ୍ତୁ କ୍ଷେତ୍ରରେ ଉନ୍ନତି ପାଇଁ ଉଦ୍ୟମ
- ଗୁଣାତ୍ମକ ଶିକ୍ଷଣର କୌଶଳ ସଂପର୍କରେ ଯୋଜନା ଓ କାର୍ଯ୍ୟକାରିତା
- ସବୁ ସ୍ତରରେ ଓ ବିଭିନ୍ନ ବିଷୟରେ ସମ୍ବଳ ବିଶିଷ୍ଟ ଦଳର ସଶକ୍ତିକରଣ କରାଯାଇଅଛି । ପ୍ରତି ଜିଲ୍ଲାରେ ୩୦୦ ରୁ ୩୫୦ ଜଣ ବିଶିଷ୍ଟ ସମ୍ବଳଦଳ ସଶକ୍ତିକରଣ କରାଯାଇଅଛି ।

• ଅନୁସରଣ ସହାୟତା କାର୍ଯ୍ୟାବଳୀ କ୍ଷେତ୍ରରେ ସହାୟତା ସମୀକ୍ଷା ଅଧିବେଶନ ନିଶିନ୍ତ କରାଯାଇଅଛି । (D.I.E.T) ମାନଙ୍କ ଦ୍ୱାରା ଶିକ୍ଷଣ/ପ୍ରଶିକ୍ଷଣ ଆବଶ୍ୟକତା ଚିହ୍ନଟ, କଠିନ ସ୍ତର ନିରୂପଣ ଏବଂ ଶିକ୍ଷକ ମାନଙ୍କ ପାଇଁ ପ୍ରଶିକ୍ଷଣ ପେଟିକା (Module) ପ୍ରସ୍ତୁତି । ପ୍ରଶିକ୍ଷଣର ମାନରେ ଏହି ପ୍ରକ୍ରିୟା ସହାୟତା କରିଅଛି । ପ୍ରାଥମିକ ଶିକ୍ଷକ ମାନଙ୍କୁ ନିୟମିତି ବ୍ୟବଧାନରେ ନିରବଛିନ୍ନ ଶିକ୍ଷା-ପ୍ରଶିକ୍ଷଣ, ଶିଶୁ ମନୋବିଜ୍ଞାନ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ମୂଲ୍ୟାୟନ ପ୍ରଣାଳୀ, ଅଭିଭାବକ ପ୍ରଶିକ୍ଷଣ ଆଦି ଅନ୍ତର୍ଭୁକ୍ତ ।

- ଦୂରନ୍ତର ଶିକ୍ଷା : ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ପ୍ରାୟୋଜିତ ଏବଂ ସର୍ବଶିକ୍ଷା ଅଭିଯାନର ଜାତୀୟ କାର୍ଯ୍ୟଧାରାର ଏହେ ଏକ ଅଂଶ ବିଶେଷ । ଦୂରନ୍ତର ଶିକ୍ଷା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଭାରତବର୍ଷର ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ମାନେ ଇନ୍ଦିରାଗାନ୍ଧି ମୁକ୍ତ ବିଦ୍ୟାଳୟ(ଇଗ୍ନୁ)ର ସହଯୋଗରେ ଏହି କାର୍ଯ୍ୟକରିଛନ୍ତି । ଏଣୁ ଦୂରନ୍ତର ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ପ୍ରାଥମିକ ଶିକ୍ଷକ ଶିକ୍ଷା ବିଭାଗର କର୍ମଚାରୀ ମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସ୍ୱ ଶିକ୍ଷଣ ଉପକରଣ, ଅଡ଼ିଓ ଭିଡ଼ିଓ ପ୍ରୋଗ୍ରାମ, ରେଡ଼ିଓ ବ୍ରଡ଼୍‌କାଷ୍ଟ ଓ ଟେଲି କନ୍‌ଫେରେସିଙ୍ଗ୍‌ ଆଦି ମଲ୍‌ଟିମିଡିଆ ଉପକରଣର ବ୍ୟବହାର କରି ମୁହାଁ ମୁହିଁ ଶିକ୍ଷାର ସଫଳ ରୂପାୟନ ପାଇଁ ଏହା ସହାୟତା କରୁଅଛି । ଆପଣ ନିଶ୍ଚୟ ଏକମତ ହେବେ ଯେ ଏହି ଦୂରନ୍ତର ଶିକ୍ଷା ବ୍ୟବସ୍ଥା କେବଳ ଯେ ବହୁ ସଂଖ୍ୟକ ବ୍ୟକ୍ତି ବିଶେଷଙ୍କୁ ଉପକୃତ କରାଉଅଛି ; ତାହା ନୁହେଁ, ପ୍ରଶିକ୍ଷଣ ପ୍ରଦାନରେ ପ୍ରସାରଣ ଜନିତ ଅଭାବକୁ ରୋକିବା ଏବଂ ସମାନତା ବଜାୟରଖିବାରେ ମଧ୍ୟ ସକ୍ଷମ ହେଉଅଛି ; ଯାହା ସାଧାରଣତଃ ମୁହାଁ ମୁହିଁ ପ୍ରଶିକ୍ଷଣ କ୍ଷେତ୍ରରେ ଅନୁଭୂତ ହୋଇଥାଏ ।

## ୬.୭ ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ସର୍ବଶିକ୍ଷା ଅଭିଯାନରେ ଏହାର ଅବଦାନ

ଟିପ୍ପଣୀ

ସାଧାରଣ ମଣିଷର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ ପୁରଣ କରିବା ପାଇଁ ଶିକ୍ଷା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଶିଶୁର ଶାରୀରିକ, ମାନସିକ ଓ ମୂଲ୍ୟବୋଧ ବିକାଶ ସହିତ ଗୁଣାତ୍ମକ ଜୀବନ ଧାରଣ ପାଇଁ ପ୍ରସ୍ତୁତ କରିବା ଶିକ୍ଷାର ପ୍ରଧାନ ଲକ୍ଷ । ଶିକ୍ଷା ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ଶିଶୁ ଆବଶ୍ୟକୀୟ ଦକ୍ଷତା ଏବଂ କୌଶଳ ଲାଭ କରି ବଂଚିମା ପାଇଁ ସଂଗ୍ରାମ କରିବାକୁ ସମର୍ଥ ହୋଇଥାଏ ।

ସମସ୍ତଙ୍କ ପାଇଁ ଶିକ୍ଷାର ଲକ୍ଷ୍ୟ ହାସଲ କରିବା ପାଇଁ ଚାରିଗୋଟି ମୁଖ୍ୟ ଉପାଦାନ ଚିହ୍ନଟ କରାଯାଇଅଛି । ସେଗୁଡ଼ିକ ହେଉଛି ଶିକ୍ଷାରେ ଶିଶୁର ପ୍ରବେଶ ଅଧିକାର , ନାମ ପଂଜିକରଣ, ବିଦ୍ୟାଳୟରେ ପିଲାମାନଙ୍କର ଅବଧାରଣ ଏବଂ ଶୈକ୍ଷିକ ଉପଲବ୍ଧି ହାସଲ ।

ଉପରୋକ୍ତ ଲକ୍ଷ୍ୟ ଗୁଡିକ ହାସଲ ପାଇଁ ମଧ୍ୟାହ୍ନ ଭୋଜନ ଯୋଜନା ଏକ ପ୍ରୋତ୍ସାହନ ଭିତ୍ତିକ ଯୋଜନା । ଅବହେଳିତ ବର୍ଗର ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକାରର ଯୋଜନା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା । ସରକାରଙ୍କର ସର୍ବଶିକ୍ଷା ଯୋଜନା ଭଳି ପ୍ରମୁଖ ଯୋଜନା,ଯାହା ପ୍ରାରମ୍ଭିକ ଶିକ୍ଷାରେ ୬-୧୪ ବର୍ଷ ମଧ୍ୟରେ ପିଲା ମାନଙ୍କର ସାର୍ବଜନୀନ ପ୍ରବେଶ ପାଇଁ ଉଦ୍ଧିଷ୍ଟ । ଏହା ସତ୍ତ୍ୱେ ଅଳ୍ପ ସଂଖ୍ୟକ ଶିଶୁ ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ଶିକ୍ଷା ଲାଭରୁ ବଞ୍ଚିତ; ଯାହାର କାରଣ ସେମାନଙ୍କର ପିତାମାତାଙ୍କର ଶୋଚନୀୟ ଆର୍ଥିକ ସ୍ଥିତି ।

ସେମାନଙ୍କର ପିତାମାତା ଭାବନ୍ତି, ପିଲାମାନଙ୍କର ଶିକ୍ଷାଜନିତ ଖର୍ଚ୍ଚ ସେମାନଙ୍କ ଅଧିକ ଆର୍ଥିକ ପାଇଁ ବୋଝ । ପୁଣି ସେମାନଙ୍କୁ ବିଦ୍ୟାଳୟକୁ ପଠାଇବା ଅର୍ଥ ସେମାନେ ନିଜେ ଶ୍ରମଦାନ କରି ରୋଜଗାରରୁ ବଂଚିତ କରିବା, ଯାହା ସେମାନେ କରିପାରିବେ ନାହିଁ ଆର୍ଥିକ କ୍ଷେତ୍ରରେ ପଛୁଆ ପିତାମାତାଙ୍କର ଏହି ପ୍ରକାର ମନୋବୃତ୍ତି ଥିବାରୁ ସମ୍ଭବତଃ ସେମାନଙ୍କର ଏହିପ୍ରକାର ମନୋବୃତ୍ତିକୁ ବଦଳାଇବା ସହଜ ନୁହେଁ । ଏଥିପାଇଁ ସେହି ପିଲା ମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇ ବିଦ୍ୟାଳୟକୁ ଆଣିବା ପ୍ରୟାସ କରାଯାଇଅଛି । ୧୯୯୫ ମସିହା ଅକ୍ଟୋବର ୨ ତାରିଖ ଭାରତ ସରକାର ପ୍ରାରମ୍ଭିକ ବିଦ୍ୟାଳୟ ପାଇଁ ଜାତୀୟ ପୃଷ୍ଟିକର ଖାଦ୍ୟ ଯୋଜନା ଆରମ୍ଭ କରିଥିଲେ । ଯାହା ହେଉଛି – ମଧ୍ୟାହ୍ନ ଭୋଜନ ଯୋଜନା । ଏହି ଯୋଜନା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରତି ଛାତ୍ରଛାତ୍ରୀଙ୍କୁ ମାସିକ ତିନି କିଲୋଗ୍ରାମ ହିସାବରେ ଗହମ ବ୍ୟବସ୍ଥା ହୋଇଥିଲା ଏବଂ ବର୍ଷରେ ମୋଟ ୧୦ ମାସ ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା । ଶିକ୍ଷାର୍ଥୀ ମାନଙ୍କର ଶତକଡ଼ା ୮୦ ଭାଗ ଉପସ୍ଥାନ ଭିତ୍ତିରେ ଏହା ପ୍ରଦାନ କରିବା ପାଇଁ ସ୍ଥିର ହୋଇଥିଲା । ଇତ୍ୟବସରରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ୨୦୦୧ ମସିହା ନଭେମ୍ବର ୨୮ ତାରିଖରେ ସମସ୍ତ ରାଜ୍ୟ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ମାନଙ୍କ ପାଇଁ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ।



ଟିପ୍ପଣୀ

ଏହି ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଏବଂ ସରକାରୀ ସାହାର୍ଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କୁ ୩୦୦ କ୍ୟାଲୋରୀ ଏବଂ ୮ରୁ ୧୨ ଗ୍ରାମ ପ୍ରୋଟିନ୍ ବିଶିଷ୍ଟ ଖାଦ୍ୟ ବ୍ୟବସ୍ଥା ବର୍ଷରେ ୩୦୦ ଦିନ ନିମିତ୍ତ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା । ତାମିଲନାଡୁର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼କ୍ଟର ଏମ୍. ଇ. ରାମଚନ୍ଦ୍ରନ୍ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବ୍ୟବସ୍ଥାକୁ ସାର୍ବଜନୀନ କରିବା ପାଇଁ ପଦକ୍ଷେପ ନେଲେ ଏହା ଯାହା ଦେଶରେ ଏକ ସର୍ବୋତ୍ତମ ବ୍ୟବସ୍ଥା ।

ଏ ସମ୍ପର୍କରେ ଏକ ସୁନ୍ଦର କଥା ଅଛି । ତାହା ହେଉଛି କିପରି କେ. କାମାରାଜନଙ୍କ ଦ୍ୱାରା ପ୍ରଥମେ ଏହି ଧାରଣାର ଉଦ୍‌ଭବ ହୋଇଥିଲା । ସେ ଦେଖିଲେ ଯେ ଅଳ୍ପ କେତେକ ପିଲା ସେମାନଙ୍କ ଗାଇ ଓ ଛେଳି ସହିତ କିଛି କାମରେ ବ୍ୟସ୍ତ ଥିଲେ । ସେ ଭାବିଲେ ଏହି ପିଲାମାନେ ଗାଇ ଓ ଛେଳି ମାନଙ୍କ ସହିତ କେଉଁ କାର୍ଯ୍ୟରେ ଲାଗି ପଡ଼ିଛନ୍ତି ? ସେ ଗୋଟିଏ ଛୋଟ ପିଲାକୁ ପଚାରିଲେ 'ତୁମେ ଏହି ଗାଇ ମାନଙ୍କ ସହିତ କେଉଁ କାମରେ ଲାଗିଛ ? ତୁମେ ବିଦ୍ୟାଳୟକୁ ଯାଉନାହଁ କାହିଁକି ? ପିଲାଟି ସଙ୍ଗେ ସଙ୍ଗେ ଉତ୍ତର ଦେଲା- ଯଦି ଆମ୍ଭେମାନେ ବିଦ୍ୟାଳୟକୁ ଯିବୁ, କିଏ ଆମକୁ ଖାଇବାକୁ ଦେବ ? ମୁ ଯଦି ଖାଇବାକୁ ମୁଠେ ପାଇବି, ତେବେ ସିନା ସ୍କୁଲ୍ ଯାଆନ୍ତି ? ପିଲାଟିର ଏହି କଥା ଦୁଇପଦ କାମରାଜନଙ୍କୁ ପ୍ରଭାବିତ କଲା; ଯାହାର ଫଂଳ ସ୍ୱରୁପ ମଧ୍ୟାହ୍ନ ଭୋଜନ ଯୋଜନା ସମ୍ଭବ ହୋଇଥିଲା ।

ଭାରତର ଅନ୍ୟାନ୍ୟ ରାଜ୍ୟ ଗୁଡ଼ିକରେ ମଧ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଅଛି । ତନ୍ମଧ୍ୟରୁ ଗୁଜୁରାଟରେ ପ୍ରଥମେ ୧୯୮୦ ମସିହାରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଥିଲା । କେରଳ ରାଜ୍ୟ ୧୯୯୫ ମସିହାରୁ ରନ୍ଧା ହୋଇ ମଧ୍ୟାହ୍ନ ଭୋଜନର ଯୋଗାଣ ବ୍ୟବସ୍ଥା କରିଥିଲା । ଏହାପରେ ମଧ୍ୟପ୍ରଦେଶ ଏବଂ ଏବଂ ଓଡ଼ିଶାରେ ଏହି ପ୍ରକାର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ସରକାରୀ ସାହାର୍ଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟକୁ ରନ୍ଧା ଖାଦ୍ୟ ଯୋଗାଇଦେବା ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରମ କୋର୍ଟ ଏକ ଗୁରୁତ୍ୱପୁର୍ଣ୍ଣ ନିର୍ଦ୍ଦେଶ ୨୦୦୧ ମସିହା ନଭେମ୍ବର ୧୮ରେ ଦେଇଥିଲେ । ଏହି ନିର୍ଦ୍ଦେଶକୁ ସମସ୍ତ ରାଜ୍ୟ ସରକାର ପ୍ରାରମ୍ଭରେ ପ୍ରତିବାଦ କରିଥିଲେ । କିନ୍ତୁ ଏହି କାର୍ଯ୍ୟକ୍ରମ ସମଗ୍ର ଭାରତବର୍ଷରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା । ନିକଟରେ ଭାରତ ସରକାର ଏକ ନୂତନ ମଧ୍ୟାହ୍ନ ଭୋଜନ ଯୋଜନା ପ୍ରଣୟନ କରିଛନ୍ତି । ଏହା ସମ୍ବନ୍ଧରେ ପ୍ରକାଶିତ ତଥ୍ୟ ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ : ୱେବ୍‌ସାଇଟ୍‌ଟି ହେଉଛି http://mdm.nic.in

**ପ୍ରାଥମିକ ଶିକ୍ଷାରେ ପୁଷ୍ଟିସାର ସହାୟକ ଜାତୀୟ କାର୍ଯ୍ୟକ୍ରମ**

ଯଦିଓ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ତାମିଲନାଡୁରେ ଏକ ଜନପ୍ରିୟ ଉଦ୍ୟମ ବୋଲି ପ୍ରଚାରିତ ହୋଇଥିଲା ପରବର୍ତ୍ତୀ ସମୟରେ ସଫଳତା ଦୃଷ୍ଟିରୁ ଏହି ପ୍ରକଳ୍ପ ଖୁବ୍ ଲୋକପ୍ରୀୟ ହୋଇଥିଲା । ଏହି ସଫଳତା ଏପରି ଆକର୍ଷଣୀୟ ଥିଲା ଯେ ୧୯୯୫ ମସିହରେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ପି. ଭି. ନରସିଂହ ରାଓ ଏହି ପ୍ରକଳ୍ପକୁ ସାରାଦେଶରେ ଲକ୍ଷ୍ୟର

କରିବାପାଇଁ ପ୍ରସ୍ତାବ ଦେଲେ ଏବଂ ଏହା ପରଠାରୁ ପ୍ରାଥମିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିସାର ସହାୟତା ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ ହେଲା ।

ଟିପ୍ପଣୀ

ଏହି ଯୋଜନା ଅନୁସାରେ ଭାରତ ସରକାର ବିନା ମୂଲ୍ୟରେ ଶସ୍ୟ(ଚାଉଳ/ଗହମ)ପ୍ରଦାନ କରିବେ ଓ ଅନ୍ୟାନ୍ୟ ସାମଗ୍ରୀ, ଦରମା ଓ ଆସବାବପତ୍ର ପ୍ରଦାନ କରିବେ । ବହୁ ରାଜ୍ୟ ସରକାର ଏଥି ନିମିତ୍ତ ବଜେଟ୍‌ରେ ବିଧିବଦ୍ଧ ବ୍ୟବସ୍ଥା ନ କରି ସେମାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚାଉଳକୁ ଛାତ୍ରଛାତ୍ରୀ ମାନଙ୍କ ବାପା ମାଆଙ୍କୁ ପ୍ରଦାନ କରିଥିଲେ । ଏହି ବ୍ୟବସ୍ଥାକୁ 'ଶୁଖିଲା ପଡ଼ି ବ୍ୟବସ୍ଥା' କୁହାଗଲା । ୨୦୦୧ ନଭେମ୍ବର ୨୮ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରିକଲେ ଯେ 'ଶୁଖିଲା ପଡ଼ି' ପରିବର୍ତ୍ତେ ରାଜ୍ୟ ସରକାରମାନେ ଛାତ୍ରଛାତ୍ରୀ ମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବେ । ଜୁନ୍ ୨୦୦୨ ମସିହା ଠାରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର ଥିଲା । କିନ୍ତୁ ବହୁ ରାଜ୍ୟ ଏହି ଆଦେଶ କାର୍ଯ୍ୟକାରୀ କରିପାରିଲେ ନାହିଁ । କିନ୍ତୁ ନ୍ୟାୟାଳୟର ସ୍ଥାୟୀ ଚାପ, ଗଣମାଧ୍ୟମ ଓ ଖାଦ୍ୟ ଅଧିକାର ଅଭିଯାନ ମାଧ୍ୟମରେ ଅଧିକରୁ ଅଧିକ ରାଜ୍ୟ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ପ୍ରୟାସ କରିଥିଲେ । ୨୦୦୪ ମସିହା ମେ ମାସରେ ଦେଶରେ ଗଠିତ ହୋଇଥିବା ମିଳିତ ସରକାର ଏହି ଯୋଜନକୁ ସାରାଦେଶରେ ସାର୍ବଜନୀନ କରି ରନ୍ଧାଖାଦ୍ୟ ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ଅନୁଦାନରେ ପରିଚାଳିତ ହେବାର ପ୍ରତିଶ୍ରୁତି ଦେଲେ ।

ଏହି ପ୍ରତିଜ୍ଞା ସର୍ବନିମ୍ନ କାର୍ଯ୍ୟକ୍ରମ ଯୋଜନାରେ ଅଧିକ ଆର୍ଥିକ ସହାୟତା ରନ୍ଧନ, ଗୃହନିର୍ମାଣ ଓ ଆସବାସ ନିମିତ୍ତ ଦିଆଯିବା ପାଇଁ ସ୍ଥିର ହେଲା । ଏହି ଇନ୍ଧନ ସହାୟତା ଭାରତର ପ୍ରାଥମିକ ବିଦ୍ୟାଳୟର ଅନେକ ପିଲା ମାନଙ୍କୁ ସୁଯୋଗ ଦେବା ପାଇଁ ସଂପ୍ରସାରିତ ହେଲା । ୨୦୦୫ ମସିହାରେ ୧୩୦ ନିୟୁତ ପିଲା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବେବୋଲି ଆଶା କରାଯାଇଥିଲା ।

## ୬.୮. ଶିକ୍ଷା ଅଧିକାର ଅଧିନିୟମ ୨୦୦୯ଓ ସର୍ବଶିକ୍ଷା ଅଭିଯାନ ମଧରେ ସଂହତି

ମାଗଣା ଓ ବାଧ୍ୟତା ମୂଳକ ଶିଶୁ ଶିକ୍ଷା ଏପ୍ରିଲ ୧ , ୨୦୧୦ଠାରୁ କାର୍ଯ୍ୟକାରୀ କରାଗଲା । ଏହି ଆଇନ୍ ବଳରେ ୬ରୁ ୧୪ ବର୍ଷର ସମସ୍ତ ବାଳକ ବାଳିକା ବୟସ ଅନୁଯାୟୀ ନିଜ ଅଞ୍ଚଳର ନିକଟତମ ପ୍ରାଥମିକ ବିଦ୍ୟାଳୟରେ ୮ ବର୍ଷର ପ୍ରାଥମିକ ଶିକ୍ଷା ପାଇଁ ନାମ ଲେଖାଇ ପାରିବେ ।

ସର୍ବଶିକ୍ଷା ଅଭିଯାନ ଓ ଶିକ୍ଷା ଅଧିନିୟମ ୨୦୦୯ ଏକୀକରଣର ଉଦ୍ଦେଶ୍ୟ ହେଉଅଛି–

- ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ପ୍ରତି ନିୟମିତ ଶିକ୍ଷକ ଏବଂ ସ୍ୱତନ୍ତ୍ର ଶିକ୍ଷକ ମାନଙ୍କ ମନୋଭାବର ଆକଳନ କରିବ ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ମାନଙ୍କ ଅନ୍ତର୍ନିବେଶୀ ଶିକ୍ଷାବ୍ୟବସ୍ଥା ପରିଚାଳନା କରିବା ନିମନ୍ତ ନିୟମିତ ଶିକ୍ଷକ ଓ ସ୍ୱତନ୍ତ୍ର ଶିକ୍ଷକ ମାନଙ୍କର ଆହାରିତ ଓ ଆବଶ୍ୟକୀୟ ଦକ୍ଷତାକୁ ଆକଳନ କରିବା ।

ଟିପ୍ପଣୀ

- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କ ଅନ୍ତର୍ଭୁକ୍ତି ପ୍ରତି ସାଧାରଣ ଶିକ୍ଷାର୍ଥୀ ମାନଙ୍କ ମନୋବୃତ୍ତିକୁ ଆକଳନ କରିବା ।
- ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କୁ ପରିଚାଳନା କରିବା ନିମିତ୍ତ ମନୋବୃତ୍ତି ଓ ସ୍ୱତନ୍ତ୍ର ଶିକ୍ଷକ ମାନଙ୍କ ସଚେତନତା, ଆବଶ୍ୟକୀୟ ଦକ୍ଷତା ମଧ୍ୟରେ ଥିବା ସଂପର୍କକୁ ଖୋଜି ବାହାର କରିବା ।
- ବୈଜ୍ଞାନିକ ମନୋବୃତ୍ତି ବିକାଶ କରିବା ବିଜ୍ଞାନ ଓ ପ୍ରଯୁକ୍ତି ଦକ୍ଷତାର ଉତ୍‌ଥାନ କରିବା ସୃଜନୀ ଶକ୍ତିର ବିକାଶ କରିବା, ଦୈନନ୍ଦିନ ଜିବନରେ ଉପୁଜୁଥିବା ସମସ୍ୟାକୁ ସମାଧାନ କରିବା ।
- ଶିକ୍ଷଣ ଜନିତ ଅସୁବିଧା ସଂପର୍କରେ ଶିକ୍ଷକ ଏବଂ ପିତାମାତାଙ୍କୁ ପ୍ରଶିକ୍ଷଣ ଦେବା ମାଧ୍ୟମରେ ଶିକ୍ଷାର୍ଥୀର ଶିକ୍ଷଣ କାର୍ଯ୍ୟ ସଂପାଦନରେ ଆଣିବା ।
- ପ୍ରାଥମିକ ଶିକ୍ଷା ସ୍ତରରେ ପାଠତ୍ୟାଗୀ ଶିକ୍ଷାର୍ଥୀ ମାନଙ୍କର ସାମାଜିକ ଓ ଅର୍ଥନୈତିକ କାରଣର ବିଶ୍ଳେଷର କରିବା ।
- ପ୍ରାଥମିକ ଓ ପ୍ରାରମ୍ଭିକ ବିଦ୍ୟାଳୟ ସ୍ତରରେ ବାଳିକା ମାନଙ୍କର ନାମଲେଖା ପାଠତ୍ୟାଗ ଓ ଅବଧାରଣକୁ ଆକଳନ କରିବା ।
- ଅର୍ଥନୈତିକ ଓ ଜନସଂଖ୍ୟା ବିଷୟକ ଉପାଦାନ କିପରି ନାମଲେଖାକୁ ପ୍ରଭାବିତ କରେ ତାହା ପରୀକ୍ଷା କରିବା ।
- ପ୍ରଶିକ୍ଷଣ ସଂପର୍କିତ ସର୍ବଶିକ୍ଷା ଅଭିଯାନ ଯୋଜନାର ଭୌତିକ ଓ ଆର୍ଥିକ ସ୍ଥିତିର ପରୀକ୍ଷା କରିବା ।

ନୂତନ ଶିକ୍ଷାବର୍ଷରେ ପ୍ରାଥମିକ ଓ ପ୍ରାରମ୍ଭିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉତ୍କଟ ଅଭାବ ପରିପ୍ରେକ୍ଷୀରେ କର୍ମକର୍ତ୍ତା ମାନେ କିପରି ଶିକ୍ଷା ଅଧିକାରର କାର୍ଯ୍ୟକାରୀତା ପାଇଁ ଯୋଜନା କରୁଛନ୍ତି ତାହା ଅନୁଧ୍ୟାନ କରିବା । ସର୍ବଶିକ୍ଷା ଅଭିଯାନର ସର୍ତ୍ତାବଳି ଅନୁସାରେ ମାଗଣ ଓ ବାଧ୍ୟତା ମୂଳକ ଶିକ୍ଷା ଶିଶୁମାନଙ୍କ ପାଇଁ ଅନୁମୋଦିତ ହୋଇଅଛି ।ସରକାରୀ ନିୟମ ଅନୁଯାୟୀ ଜନବସତିର ପ୍ରତି କିଲୋମିଟର ମଧ୍ୟରେ ପ୍ରତି ୩୦୦ ଜଣରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ୮୦୦ ଜନସଂଖ୍ୟା ବିଶିଷ୍ଟ ଜନବସତି ପାଇଁ ପ୍ରତି ୨କି.ମି.ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିବା ଆବଶ୍ୟକ । ସଂପ୍ରତି ପ୍ରତି ଜିଲ୍ଲାରେ ୧୦୨୨ ପ୍ରାଥମିକ ବିଦ୍ୟାଳୟ ଏବଂ ୩୫୨ ଉଚ୍ଚ ପ୍ରାଥମିକ/ପ୍ରାରମ୍ଭିକ ବିଦ୍ୟାଳୟ ରହିଅଛି । ଏତଦ୍‌ ବ୍ୟତିତ ଅନ୍ୟାନ ୭୮୦ ସ୍ୱୀକୃତିପ୍ରାପ୍ତ ପ୍ରାଥମିକ ଏବଂ ୫୭୭ ପ୍ରାରମ୍ଭିକ ବିଦ୍ୟାଳୟ ପ୍ରତି ଜିଲ୍ଲାରେ ରହିଅଛି । ଯଦି ଆମେ ସବୁ ବିଦ୍ୟାଳୟର ମୋଟ ହିସାବ କରିବା ପ୍ରତି ଜିଲ୍ଲାରେ ୧୮୧୨ ପ୍ରାଥମିକ ଏବଂ ୯୨୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଅଛି ।

ସର୍ବଶିକ୍ଷା ଅଭିଯାନର ବ୍ୟବସ୍ଥା ଅନୁଯାୟୀ ପ୍ରତିଜିଲ୍ଲା ପାଇଁ ୧୦,୪୬୨ଟି ପ୍ରାଥମିକ ଏବଂ୧୩୯୨୯ଟି ପ୍ରାରମ୍ଭିକ ବିଦ୍ୟାଳୟ ଆବଶ୍ୟକ ଏବଂ ୨୦୦୧ ଜନଗଣନା ଅନୁଯାୟୀ ୩୧ ଲକ୍ଷ ୩୮ ହଜାର ୬୭୧ ଜନସଂଖ୍ୟା ପାଇଁ ରହିବା ଆବଶ୍ୟକ । କେନ୍ଦ୍ରସରକାର



ଟିପ୍ପଣୀ

ଅଧିନରେ ସର୍ବଶିକ୍ଷା ଅଭିଯାନ ରାଜ୍ୟ ସରକାର ମାନଙ୍କଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସର୍ବଜନବିଦିତ ସର୍ବଶିକ୍ଷା ଅଭିଯାନରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଲକ୍ଷ ଧାର୍ଯ୍ୟ ହୋଇଅଛି । ରାଜ୍ୟ ସରକାରଙ୍କର ସହଭାଗିତା ଆଧାରରେ ସମଗ୍ର ଦେଶରେ ଏହା କାର୍ଯ୍ୟକାରୀ ହେଉଅଛି । ବହୁବିଧ କୌଶଳ ମାଧ୍ୟମରେ ୬ରୁ ୧୪ ବର୍ଷ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାର ଲକ୍ଷ୍ୟ ହେଉଛି ୬ରୁ ୧୪ ବର୍ଷ ମଧ୍ୟରେ ସମସ୍ତ ଶିଶୁ ମାନଙ୍କୁ ୨୦୧୦ ମସିହା ସୁଦ୍ଧା ଉପାଦେୟ ଏବଂ ପ୍ରାସଙ୍ଗିକ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା । ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନ ଅନୁଯାୟୀ ଏହା ଏକ ମୌଳିକ ଅଧିକାର ଭାବେ ସ୍ୱୀକୃତି ହୋଇଅଛି । ସଂପ୍ରତି ମାଗଣା ଓ ବାଧ୍ୟତାମୁଳକ ପ୍ରାଥମିକ ଶିକ୍ଷା ଶିଶୁ ଶିକ୍ଷା ଅଧିକାର ୨୦୦୯ ପ୍ରଣୀତ ହୋଇ ଏପ୍ରିଲ ୧, ୨୦୧୦ ରୁ କାର୍ଯ୍ୟକାରୀ ହେବାଯୋଗୁଁ ପ୍ରତ୍ୟେକ ପିଲା ବିଦ୍ୟାଳୟରେ ଶିକ୍ଷା ସୁଯୋଗ ପାଇବା ସମ୍ଭବପର ହୋଇଅଛି ।

୬ରୁ ୧୪ ବର୍ଷ ବୟସର ବହୁସଂଖ୍ୟାରେ ପିଲା କିଛି ନା କିଛି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଯଦି ଶ୍ରମ ବିଭାଗର ରେକର୍ଡ଼କୁ ତର୍ଜମା କରାଯାଏ ତେବେ ଜଣା ପଡ଼ିଯିବ ଯେ ପ୍ରାୟ ୫,୦୦୦ରୁ ଉର୍ଦ୍ଧ୍ୱ ପିଲା ବିଭିନ୍ନ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ସେମାନଙ୍କୁ ଚିହ୍ନଟ କରି ଉଦ୍ଧାର କରାଯାଇଅଛି । ସେମାନେ ସବୁ ଉତ୍ତର ପ୍ରଦେଶର ବାରଣାସୀ, ଚନ୍ଦଉଳି, ଜଉଦପୁର ଓ ଗାଜିଆବାଦ ଜିଲ୍ଲାରେ ଚିହ୍ନଟ ହୋଇଅଛନ୍ତି । ପ୍ରତ୍ୟେକ ବିଦ୍ୟାଳୟରେ ୫୦ ଜଣ ପିଲାଙ୍କୁ ତିନି ବର୍ଷ ନିମନ୍ତେ ଶିକ୍ଷା ପ୍ରଦାନ କରୁଛନ୍ତି ।

ଜାତୀୟ ସ୍ତରରେ ସର୍ବଭାରତୀୟ ସର୍ବେକ୍ଷଣ ଅନୁଯାୟୀ ୩୮୬୮ ଟି ସହରାଞ୍ଚଳ ବା ଅଂଚଳ ଦେଶରେ ରହିଛି । ଗ୍ରାମାଞ୍ଚଳରେ ୧୯୦୫ ନିୟୁତ ଜନସଂଖ୍ୟା ପାଇଁ ମଧ୍ୟ ଏହି ବ୍ୟବସ୍ଥା ରହିଅଛି । ପ୍ରବେଶ ଅଧିକାର ବ୍ୟବସ୍ଥା ୭୪,୬୫୬ ବିଦ୍ୟାଳୟ ମାଧ୍ୟମରେ କରାଯାଇଛି ଯାହା ଫଳରେ ୪/୫ ବର୍ଷ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା ଉପଲବ୍ଧ ହେଉଅଛି । ଏହା ସୂଚାଉଅଛି କି ପ୍ରତି ୨୫୦୦ ଜନସଂଖ୍ୟା ପାଇଁ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ବ୍ୟବସ୍ଥା ରହିଛି । ୫ରୁ ୧୪ବର୍ଷ ମଧ୍ୟରେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ଭାରତୀୟ ଶିଶୁ ମାନଙ୍କ ବିପଦପୂର୍ଣ୍ଣ ବୃତ୍ତି ଯଥା ଗୃହ ନିର୍ମାଣ ଏବଂ ଉତ୍ପାଦନଶୀଳ କାରଖାନା ମାନଙ୍କରେ ନିୟୋଜିତ ହୋଇ ଅଛନ୍ତି । ସର୍ବଶିକ୍ଷା ଅଭିଯାନର ସାମଗ୍ରୀକ ବ୍ୟବସ୍ଥା ଏବଂ କାର୍ଯ୍ୟକାରିତା କୌଶଳ ସହିତ ଶିଶୁ ଶିକ୍ଷା ଅଧିକାର ଆଇନର ପ୍ରାୟୋଗିକ ଉପାଦେୟତା ରହିଅଛି । ଶିକ୍ଷା ଅଧିକାର ଆଇନ ନିର୍ଦ୍ଦେଶାବଳୀ ସହ ସଂପର୍କୀତ କରି ସର୍ବଶିକ୍ଷା ସର୍ବଶିକ୍ଷା ଅଭିଯାନର ଦୂରଦୃଷ୍ଟି ସଂପନ୍ନ କୌଶଳ ଓ ସର୍ତ୍ତାବଳୀ ସହ ସମୀକରଣର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟର କର୍ମକର୍ତ୍ତା ଶ୍ରୀ ଅନିଲ ବରୋଦାଙ୍କର ଅଧକ୍ଷତାରେ ଏକ କମିଟି ଗଠିତ ହୋଇଥିଲା ଯେଉଁଥିରେ ଭାରତ ସରକାରଙ୍କର ପୂର୍ବତନ ଶିକ୍ଷା ସଚିବ ସର୍ବଶିକ୍ଷା ଅଭିଯାନ ଓ ଶିଶୁ ଶିକ୍ଷା ଅଧିକାର ଆଇନର ସମନ୍ୱିତକରି ପରବର୍ତ୍ତୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ



ଟିପ୍ପଣୀ

ଦେଇଥିଲେ । ଏହି କମିଟୀର ଆଦ୍ୟ ବୈଠକ ଗୁଡ଼ିକରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ତରଫରୁ ସିଦ୍ଧାନ୍ତ କରାଗଲା ଯେ କମିଟୀ ବିଧିବଦ୍ଧଭାବେରେ ଏହି ସର୍ତ୍ତାବଳୀକୁ ପାଳନ କରିନପାରେ ଏବଂ କିନ୍ତୁ ଶିଶୁ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇପାରିବେ ।

## ୬.୯. ସାରାଂଶ

ଏକକ ୬ ରେ ଆମେ ସର୍ବଶିକ୍ଷା ଅଭିଯାନରେ ଥିବା ପ୍ରାରମ୍ଭିକ ଶିକ୍ଷାରେ ସାର୍ବଜନୀନକରଣର କୌଶଳ ଗୁଡିକ ବିଷୟରେ ଜାଣିଲେ । ଆମ୍ଭେମାନେ ଏହି ଏକକରେ ପ୍ରଥମେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଓ ଏହାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ଆଲୋଚନା କଲେ ଏବଂ ତାପରେ ସର୍ବଶିକ୍ଷା ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜାଣିଲେ । ଏହି ଏକକରେ ସର୍ବଶିକ୍ଷା ଅଭିଯାନର ବିସ୍ତିର୍ଣ୍ଣ କୌଶଳ ମଧ ଆଲୋଚନା କରାଯାଇଛି । ଏହି ଏକକରେ ସରକାରୀ ଘରୋଇ ଭାଗୀଦାରୀ ଏବଂ ଏହାର ସଫଳତା ପୂର୍ବକ କାର୍ଯ୍ୟନ୍ୱୟନକୁ ବିଶେଷ ଧ୍ୟାନ ଦିଆଯାଇଛି ।

## ୬.୧୦ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- Bhumika : A Hand Book on Roles and Responsibilities of Head Masters/Head Teachers under SSA. Bihar. A Guide Book for Early Child Care
- www.educationforallinindia.com/
- www.indianexpress.com/news/lesson-learnt-mp-monitors-ss
- depssa.ignou.ac.in/wiki/index.php/Publications


## ୬.୧୧ ପାଠାନ୍ତ ପ୍ରଶ୍ନାବଳୀ

୧. ସର୍ବଶିକ୍ଷା ଅଭିଯାନର ମୂଳ ଲକ୍ଷଣ ଗୁଡିକ କ'ଣ ?

୨. ଆପଣଙ୍କ ଅଞ୍ଚଳରେ ଥିବା ୬ ରୁ ୧୪ ବର୍ଷ ବୟସର ପିଲା ଯେଉଁମାନେ ସର୍ବଶିକ୍ଷା ଅଭିଯାନ ଅଧୀନରେ ଦିଆଯାଉଥିବା ଶିକ୍ଷା ଦ୍ୱାରା ଉପକୃତ ହୋଇଛନ୍ତି ସେମାନଙ୍କ ସମ୍ପର୍କରେ ଏକ ବିବରଣୀ (Report) ପ୍ରସ୍ତୁତ କର ।